ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/AG&FE (OD))/1012/08-01-2021**

## କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଯନ୍ତ୍ରୀମାନଙ୍କର ସମୀକ୍ଷା ବୈଠକ

## 'କୃଷି କ୍ଷେତ୍ରରେ ଅଧିକ ଯାନ୍ତ୍ରିକୀକରଣର ଆବଶ୍ୟକତା ରହିଛି'

## 'ସମସ୍ତ ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉଦ୍ୟୋଗୀ ସୃଷ୍ଟି କରିବା ଦିଗରେ ଅଧିକ ତତ୍ପରତା ପ୍ରକାଶ କରନ୍ତୁ'

: ମନ୍ତ୍ରୀ ଡ. ସାହୁ

## ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଚାଷୀଙ୍କୁ ସଚେତନ କରିବା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ତା.୦୮/୦୧/୨୦୨୧

କ୍ରମବର୍ଦ୍ଧିଷ୍ଣୁ ଖାଦ୍ୟଶସ୍ୟର ଚାହିଦା ମେଣ୍ଟାଇବା ପାଇଁ କୃଷି କ୍ଷେତ୍ରରେ ଅଧିକ ଯାନ୍ତ୍ରିକୀକରଣର ଆବଶ୍ୟକତା ରହିଛି । ଏହା ଦ୍ୱାରା ସୀମିତ ଜମିରେ ଅଧିକ ଫସଲ ଉତ୍ପାଦନ କରିହେବ । ଚାଷଜମିକୁ ଜଳସେଚନ ପାଇଁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ କୃଷି ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରବର୍ତ୍ତିତ ୫-'ଟି'କୁ କଡ଼ାକଡ଼ି ଭାବେ ଅନୁପାଳନ କରି ଜଳସେଚନର ସୁବିଧା ନିମନ୍ତେ 'ଜଳନିଧି' ଏବଂ 'ସୌରଜଳନିଧି' ଯୋଜନା ଓ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ଅଧିକରୁ ଅଧିକ ହିତାଧିକାରୀଙ୍କୁ ସାମିଲ କରି ଦିଆଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ କୃଷି ଓ କୃଷି ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି ।

ଆଜି କୃଷି ଭବନଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ କାର୍ଯ୍ୟରତ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀମାନଙ୍କର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଛନ୍ତି ଯେ ସାଂପ୍ରତିକ ସ୍ଥିତିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ପୁଞ୍ଜିନିବେଶର ବ୍ୟାପକ ସୁଯୋଗ ରହିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ୩୧୪ଟି ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉଦ୍ୟୋଗୀ ସୃଷ୍ଟି କରି ସେମାନଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସମସ୍ତ ସୁବିଧା ଓ ପ୍ରୋତ୍ସାହନ ଯୋଗାଇଦେବା ପାଇଁ କହିଛନ୍ତି । ଏହି ଯୋଜନାରେ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଛନ୍ତି । ଯନ୍ତ୍ରୀମାନେ ସଦର ମହକୁମାରେ ରହିବା ସହିତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଯୋଜନାଗୁଡ଼ିକୁ ରୂପାୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କୃଷି ଯନ୍ତ୍ରପାତିର ସଠିକ୍ ବ୍ୟବହାର ନିମନ୍ତେ ଚାଷୀମାନଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସେ କହିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ କୃଷି ନୀତି -୨୦୨୦ 'ସମୃଦ୍ଧି' ସଂପର୍କରେ ଚାଷୀମାନେ ଯେପରି ସଚେତନ ହୋଇ ଏହାର ଲାଭ ଉଠାଇପାରିବେ ସେଥିପ୍ରତି ଅଧିକ ଗୁରୁତ୍ୱ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ଚଳିତ ଆର୍ଥିକ ବର୍ଷ ନିମନ୍ତେ ଆବଣ୍ଟିତ ଅର୍ଥରାଶିକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରି ବିନିଯୋଗ ପ୍ରମାଣପତ୍ର ବିଭାଗକୁ ପଠାଇବା ପାଇଁ କହିଥିଲେ । ଏଥି ସହିତ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ନିମନ୍ତେ ନିର୍ବାହୀ ଯନ୍ତ୍ରୀମାନେ ସ୍କ୍ରିନିଂ କମିଟି ଗଠନ କରିବାକୁ ମନ୍ତ୍ରୀ ଡ. ସାହହୁ କହିଥିଲେ ।

ବୈଠକରେ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ନିର୍ବାହୀ ଯନ୍ତ୍ରୀମାନଙ୍କୁ ପ୍ରତିମାସରେ କୃଷି ବିଜ୍ଞାନ କେନ୍ଦ୍ରର ସମନ୍ୱୟ ବୈଠକରେ ନିୟମିତ ଯୋଗଦେବା ପାଇଁ କହିଥିଲେ । ଏଥି ସହିତ ସହକାରୀ ଯନ୍ତ୍ରୀମାନେ ବ୍ଲକ୍‌ସ୍ତରରେ ଅନୁଷ୍ଠିତ ବୈଷୟିକ କମିଟି ବୈଠକରେ ଯୋଗଦେଇ ତୃଣମୂଳ ସ୍ତରରେ ସମସ୍ୟାର ସମାଧାନ ପାଇଁ କହିଥିଲେ । ଚାଷୀମାନଙ୍କର ସମସ୍ୟାର ତୁରନ୍ତ ସମାଧାନ ପାଇଁ 'ଆମ କୃଷି' ଟୋଲ୍ ଫ୍ରି ନମ୍ବର ମୋବାଇଲ୍ ସୂଚନା ସେବାର ଅଧିକ ଉପଯୋଗ ପାଇଁ ମଧ୍ୟ ସେ କହିଥିଲେ ।

ସମୀକ୍ଷା ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍ ମୁଥୁକୁମାର ପ୍ରମୁଖ ମନରେଗାରେ କୂପଖନନ, ଭର୍ମିକମ୍ପୋଷ୍ଟ ଆଦି କରାଯାଉଥିବା କାର୍ଯ୍ୟର କଡ଼ାକଡ଼ି ତଦାରଖ ଓ ଫାର୍ମପଣ୍ଡ ଯୋଜନାର ନିୟମିତ ତଦାରଖ କରିବାକୁ ଯନ୍ତ୍ରୀମାନଙ୍କୁ କହିଥିଲେ ।

ସମୀକ୍ଷା ବୈଠକରେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସମେତ ସମସ୍ତ ଜିଲ୍ଲାର ସହକାରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଯୋଗଦେଇଥିଲେ ।

ତାପସ ସାହା
ସୂଚନା ଅଧିକାରୀ